# NATIONAL NEWS BULLETIN (ODIA)

## 9 October - 2025

## Morning Bulletin : 7.15 A.M.

*******************************

## ମୁଖ୍ୟ ସମ୍ବାଦ

- ମୁମ୍ବାଇରେ ଆଜି ଭାରତ ଓ ବ୍ରିଟେନ୍ ପ୍ରଧାନମନ୍ତ୍ରୀଙ୍କ ମଧ୍ୟରେ ଅନୁଷ୍ଠିତ ହେବ ଭିଜନ-୨୦୩୫ ସମ୍ପର୍କିତ ଆଲୋଚନା ।
- ନ୍ୟାୟପ୍ରଦାନ ବ୍ୟବସ୍ଥାରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ପାଇଁ ଆୟକର ଆପିଲେଟ୍ ଟ୍ରିବ୍ୟୁନାଲର ପ୍ରଶଂସା କଲେ ପ୍ରଧାନ ବିଚାରପତି ।
- ବିହାର ବିଧାନସଭା ନିର୍ବାଚନ ନିମନ୍ତେ ପୋଷ୍ଟାଲ ବାଲାଟ ମତଦାନ ନେଇ ବିଜ୍ଞପ୍ତି ଜାରି ।

ଏବଂ

- ଆଇସିସି ଦିନିକିଆ ମହିଳା ବିଶ୍ୱକପ୍‌ରେ ଆଜି ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ହେବ ମୁକାବିଲା ।

# ପିଏମ୍ ମୋଦୀ-ୟୁକେ ପିଏମ୍ ଟକ୍ସ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ତାଙ୍କ ବ୍ରିଟେନ ପ୍ରତିପକ୍ଷ କିର୍ ଷ୍ଟାର୍ମରଙ୍କ ମଧ୍ୟରେ ଆଜି ମୁମ୍ବାଇରେ ଆଲୋଚନା ହେବ । ଗତକାଲି ବ୍ରିଟେନ ପ୍ରଧାନମନ୍ତ୍ରୀ ଦୁଇଦିନିଆ ଭାରତ ଗସ୍ତରେ ଆସି ମୁମ୍ବାଇରେ ପହଞ୍ଚିଛନ୍ତି । ତାଙ୍କ ସହ ଏକ ଉଚ୍ଚସ୍ତରୀୟ ବ୍ୟବସାୟିକ ଦଳ ଭାରତ ଆସିଛନ୍ତି ।

ଆଲୋଚନା କାଳରେ ଉଭୟ ପ୍ରଧାନନ୍ତ୍ରୀ ଭାରତ-ବ୍ରିଟେନ ରଣନୈତିକ ଭାଗିଦାରୀତାର ବିଭିନ୍ନ ଦିଗ ଉପରେ ଆଲୋଚନା କରିବେ । ଏହା ଭିଜନ ୨୦୩୫କୁ ଦୃଷ୍ଟିରେ ରଖି ଅନୁଷ୍ଠିତ ହେବ । ଏଥିରେ ଆସନ୍ତା ୧୦ ବର୍ଷରେ ବାଣିଜ୍ୟ ଏବଂ ପୁଞ୍ଜିନିବେଶ, ପ୍ରଯୁକ୍ତିବିଦ୍ୟା ଓ ନବସୃଜନ, ଜଳବାୟୁ ଓ ଶକ୍ତି, ସ୍ୱାସ୍ଥ୍ୟ, ଶିକ୍ଷା ଏବଂ ଲୋକସମ୍ପର୍କ କ୍ଷେତ୍ରରେ ବିଭିନ୍ନ ପଦକ୍ଷେପ ନେଇ ଆଲୋଚନା ହେବ । ଉଭୟ ନେତା ଭାରତ ଓ ବ୍ରିଟେନ୍ ସ୍ୱତନ୍ତ୍ର ଅର୍ଥନୈତିକ ଓ ବାଣିଜ୍ୟ ଚୁକ୍ତି ସମ୍ପର୍କରେ ଶିଳ୍ପ ଓ ବାଣିଜ୍ୟ ନେତୃତ୍ୱଙ୍କ ସହ ଆଲୋଚନା କରିବେ । ଏହାବ୍ୟତୀତ ଉଭୟ ନେତା ଆଞ୍ଚଳିକ ଏବଂ ବିଶ୍ୱ ସମସ୍ୟାଗୁଡ଼ିକ ଉପରେ ମଧ୍ୟ ମତ ଉପସ୍ଥାପନ କରିବାର କାର୍ଯ୍ୟକ୍ରମ ରହିଛି ।

ଉଭୟ ପ୍ରଧାନମନ୍ତ୍ରୀ ଷଷ୍ଠ ବିଶ୍ୱ ଫିନ୍‌ଟେକ୍ ସମ୍ମିଳନୀରେ ଯୋଗଦେବେ । ଏଥିରେ ନବସୃଜନକାରୀ, ନୀତି ନିର୍ଦ୍ଧାରକ, କେନ୍ଦ୍ରୀୟ

ବ୍ୟାଙ୍କ ପ୍ରତିନିଧି, ନିୟାମକ, ପୁଞ୍ଜିନିବେଶକାରୀ ଏବଂ ପ୍ରତିଷ୍ଠିତ ବ୍ୟକ୍ତିବିଶେଷମାନେ ଯୋଗଦେବେ । ଏହି ସମ୍ମିଳନୀର ବିଷୟବସ୍ତୁ ହେଉଛି 'ଏକ ସୁନ୍ଦର ପୃଥିବୀ ପାଇଁ ଅର୍ଥନୈତିକ ସଶକ୍ତିକରଣ' । ଭବିଷ୍ୟତରେ ପ୍ରଯୁକ୍ତିବିଦ୍ୟା ଏବଂ ମାନବିକ ଦୃଷ୍ଟିକୋଣକୁ ସାକାର କରିବା ଲାଗି ବିଭିନ୍ନ ଅର୍ଥନୈତିକ ପଦକ୍ଷେପଗୁଡ଼ିକ ଉପରେ ଆଲୋଚନା ହେବ ।

ଗତକାଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ନଭି ମୁମ୍ବାଇ ଅନ୍ତର୍ଜାତୀୟ ବିମାନବନ୍ଦରର ପ୍ରଥମ ପର୍ଯ୍ୟାୟ ଓ ଅନ୍ୟାନ୍ୟ ଯୋଗାଯୋଗ ପ୍ରକଳ୍ପର ଉଦଘାଟନ କରିଥିଲେ। ପ୍ରଧାନମନ୍ତ୍ରୀ କହିଥିଲେ, ଏହି ପ୍ରକଳ୍ପଗୁଡ଼ିକ ଅଭିବୃଦ୍ଧି ଏବଂ ସୁଯୋଗର ଏକ ବୈଶ୍ୱିକ କେନ୍ଦ୍ର ଭାବରେ ସହରର ସ୍ଥିତିକୁ ସୁଦୃଢ଼ କରିବ।

**V/O– PM**

## ସିଜେଆଇ-ଟ୍ୟାକ୍ସ ଟ୍ରିବ୍ୟୁନାଲ

ନ୍ୟାୟପ୍ରଦାନ ବ୍ୟବସ୍ଥାରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ପାଇଁ ପ୍ରଧାନ ବିଚାରପତି ଜଷ୍ଟିସ ବି.ଆର୍ ଗଭାଇ ଆୟକର ଆପିଲେଟ୍ ଟ୍ରିବ୍ୟୁନାଲର ପ୍ରଶଂସା କରିଛନ୍ତି । ଏହାର ସଂରଚନା ଏବଂ ପ୍ରକ୍ରିୟାଗତ ବିକାଶ ଉପରେ ଧ୍ୟାନ ଦେବାଲାଗି ପ୍ରଧାନ ବିଚାରପତି କହିଛନ୍ତି । ଆୟକର ଆପିଲେଟ୍ ଟ୍ରିବ୍ୟୁନାଲ ଏହାର ଭୂମିକା ଓ ଆହ୍ୱାନ ସମ୍ପର୍କିତ ଏକ ଆଲୋଚନାଚକ୍ରକୁ ସମ୍ବୋଧିତ କରି ଜଷ୍ଟିସ ଗଭାଇ କହିଛନ୍ତି ଗତ ୫ବର୍ଷ ମଧ୍ୟରେ ବିଚାରାଧୀନ ମାମଲାସଂଖ୍ୟା ୮୫ହଜାରରୁ ୨୪ହଜାରକୁ ହ୍ରାସ ପାଇଛି ।

ସେ କହିଛନ୍ତି ଯେତେବେଳେ ନ୍ୟାୟାଳୟ ଏବଂ ଟ୍ରିବ୍ୟୁନାଲ ପୂର୍ବାନୁମାନଯୋଗ୍ୟ ନିଷ୍ପତ୍ତି ପ୍ରଦାନ କରନ୍ତି, ସେତେବେଳେ ଆଇନ୍ ଉପଯୁକ୍ତ ଢ଼ାଞ୍ଚାରେ ବିକଶିତ ହୁଏ ଓ ତାହା ନାଗରିକମାନଙ୍କୁ ସେମାନଙ୍କ କର୍ତ୍ତବ୍ୟ ପାଳନ କରିବାକୁ ସକ୍ଷମ କରିଥାଏ । ଜଷ୍ଟିସ ଗଭାଇ କହିଛନ୍ତି ଅସଂଗତ କିମ୍ବା ବିରୋଧାଭାସୀ ରାୟ ଆଇନ୍‌ଗତ ବ୍ୟବସ୍ଥାକୁ ଦୁର୍ବଳ କରିବାର ସମ୍ଭାବନା ରହିଛି । ଆୟକର ଆପିଲେଟ୍ ଟ୍ରିବ୍ୟୁନାଲରେ ଆହୁରି ୬ଲକ୍ଷ ୮୫ କୋଟି ଟଙ୍କା ସମ୍ବନ୍ଧୀୟ ବିବାଦଗୁଡ଼ିକ ବିଚାରାଧୀନ ରହିଥିବା ସେ କହିଛନ୍ତି ।

ଏହି ଅବସରରେ କେନ୍ଦ୍ର ଆଇନ୍ ଏବଂ ନ୍ୟାୟମୂର୍ତ୍ତି ଅର୍ଜୁନରାମ ମେଘୱାଲ କହିଛନ୍ତି କେନ୍ଦ୍ର ସରକାର ଆୟକର ଆପିଲେଟ୍ ଟ୍ରିବ୍ୟୁନାଲର ଭୂମିକାକୁ ସୁଦୃଢ଼ କରିବା ଲାଗି ଏବଂ ନ୍ୟାୟ ବ୍ୟବସ୍ଥାକୁ ଅଧିକ ସ୍ୱଚ୍ଛ, ପ୍ରଭାବଶାଳୀ ଏବଂ ଲୋକାଭିମୁଖୀ କରିବା ପାଇଁ ନିରନ୍ତର ପ୍ରୟାସ କରୁଛନ୍ତି ।

# ପ୍ରେଜ୍ ଭିଜିଟ୍

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜିଠାରୁ ତିନିଦିନିଆ ଗୁଜୁରାଟ ଗସ୍ତରେ ଯିବେ । ସେଠାରେ ସୋମନାଥ ମନ୍ଦିରରେ ରାଷ୍ଟ୍ରପତି ଦର୍ଶନ ଏବଂ ପୂଜା କରିବେ । ଏହି ଗସ୍ତ ଅବସରରେ ରାଷ୍ଟ୍ରପତି ଗିର୍ ଜାତୀୟ ଉଦ୍ୟାନ ପରିଦର୍ଶନ କରିବା ସହ ସେଠାକାର ସ୍ଥାନୀୟ ଆଦିବାସୀ ସମ୍ପ୍ରଦାୟ ସହ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି । ଆସନ୍ତା ଶନିବାର ଦିନ ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ଦ୍ୱାରକାସ୍ଥିତ ଦ୍ୱାରକାଧିଶ ମନ୍ଦିରରେ ଆରତୀ

କରିବେ । ଅହମ୍ମଦାବାଦସ୍ଥିତ ଗୁଜୁରାଟ ବିଦ୍ୟାପୀଠରେ ୭୧ତମ ସମାବର୍ତ୍ତନ ଉତ୍ସବରେ ରାଷ୍ଟ୍ରପତି ମୁଖ୍ୟଅତିଥି ଭାବେ ଯୋଗଦେବେ ।

## ଇସି-ପୋଷ୍ଟାଲ ବାଲାଟ

ନିର୍ବାଚନ କମିଶନ ଆଗାମୀ ବିହାର ବିଧାନସଭା ନିର୍ବାଚନରେ ବୟସ୍କ, ଦିବ୍ୟାଙ୍ଗଜନ ଏବଂ ସରକାରୀ କର୍ମଚାରୀମାନଙ୍କ ପାଇଁ ପୋଷ୍ଟାଲ ବାଲାଟ ବ୍ୟବସ୍ଥା କରିବେ । କମିଶନଙ୍କ ପକ୍ଷରୁ ଜାରି କରାଯାଇଥିବା ସୂଚନା ଅନୁଯାୟୀ ୮୫ବର୍ଷରୁ ଅଧିକ ବୟସର ବ୍ୟକ୍ତି ଏବଂ ନିର୍ଦ୍ଦିଷ୍ଟ ଅକ୍ଷମତା କ୍ଷେତ୍ରରେ ପୋଷ୍ଟାଲ ବାଲାଟ ଭୋଟ୍ ଦେବା ଲାଗି ବ୍ୟବସ୍ଥା କରାଯାଇଛି । ସେହିସବୁ ଭୋଟରମାନେ ୧୨-ଡି ଫର୍ମ ପୂରଣ କରି ନିର୍ବାଚନ ବିଜ୍ଞପ୍ତି ଜାରି ହେବାର ୫ ଦିନ ମଧ୍ୟରେ ବୁଥ୍‌ସ୍ତରୀୟ ଅଧିକାରୀଙ୍କ ଜରିଆରେ ରିଟର୍ଣ୍ଣିଂ ଅଧିକାରୀଙ୍କ ନିକଟକୁ ପଠାଇପାରିବେ । ସେହିପରି ଜରୁରୀକାଳୀନ ସେବାରେ କାର୍ଯ୍ୟରତ କର୍ମଚାରୀମାନେ ନିର୍ଦ୍ଧାରିତ ନୋଡାଲ ଅଧିକାରୀଙ୍କ ଜରିଆରେ ପୋଷ୍ଟାଲ ବାଲାଟ ପାଇଁ ଆବେଦନ କରିପାରିବେ ।

ଆୟୋଗ ପକ୍ଷରୁ କୁହାଯାଇଛି ଅଗ୍ନିଶମ, ସ୍ୱାସ୍ଥ୍ୟ, ବିଦ୍ୟୁତ୍, ଟ୍ରାଫିକ, ଆମ୍ବୁଲାନ୍ସ, ବିମାନ ଚଳାଚଳ ଏବଂ ଦୂରଗାମୀ ସରକାରୀ ସଡ଼କ ପରିବହନ ନିଗମରେ କାର୍ଯ୍ୟରତ କର୍ମଚାରୀମାନଙ୍କୁ ଏହି ସୁବିଧା ମିଳିପାରିବ । ଅନ୍ୟପକ୍ଷରେ ସ୍ୱୀକୃତିପ୍ରାପ୍ତ ଗଣମାଧ୍ୟମ ବ୍ୟକ୍ତି ଯେଉଁମାନେ ନିର୍ବାଚନ ଦିନ ସମ୍ବାଦ ପରିବେଷଣ ପାଇଁ ଅନୁମତି ପାଇଥିବେ ସେମାନେ ମଧ୍ୟ ପୋଷ୍ଟାଲ ବାଲାଟ ସୁବିଧା ପାଇପାରିବେ ।

## ଶିବରାଜ ନ୍ୟାସନାଲ କନ୍‌କ୍ଲେଭ

ନୂଆଦିଲ୍ଲୀରେ ଅନୁଷ୍ଠିତ ଜାତୀୟ ବୁଣାକାର ସମ୍ମିଳନୀ ଅବସରରେ କେନ୍ଦ୍ର କୃଷି ଓ କୃଷକ କଲ୍ୟାଣ ମନ୍ତ୍ରୀ ଶିବରାଜ ସିଂ ଚୌହ୍ୱାନ ଉତ୍ତର ପୂର୍ବାଞ୍ଚଳର ବୁଣାକାର ଏବଂ କାରିଗରମାନଙ୍କ ସହିତ ଆଲୋଚନା କରିଛନ୍ତି । ଆଲୋଚନା ସମୟରେ ମନ୍ତ୍ରୀ ଉତ୍ତର-ପୂର୍ବାଞ୍ଚଳର କାରିଗରି ଓ ସାଂସ୍କୃତିକ ଐତିହ୍ୟର ପ୍ରଶଂସା କରିଛନ୍ତି । ସେ କହିଛନ୍ତି ଏହି କାର୍ଯ୍ୟକ୍ରମ କାରିଗରମାନଙ୍କ ଅଭିଜ୍ଞତା ଏବଂ ଆକାଂକ୍ଷା ପ୍ରକାଶ କରିବା ପାଇଁ ମଞ୍ଚ ପ୍ରଦାନ କରିଥିଲା । ଶ୍ରୀ ଚୌହ୍ୱାନ କହିଛନ୍ତି କାର୍ଯ୍ୟକ୍ରମରେ ଗ୍ରାମୀଣ କାରିଗରମାନଙ୍କ ଅନ୍ତର୍ଭୁକ୍ତିମୂଳକ ବିକାଶ ମାଧ୍ୟମରେ ଭୋକାଲ ଫର୍ ଲୋକାଲ ଏବଂ ଆତ୍ମନିର୍ଭର ଭାରତର ଦୃଷ୍ଟିକୋଣ ଉପରେ ଗୁରୁତ୍ୱାରୋପ କରାଯାଇଥିଲା ।

## ବିହାର ପୋଲିଂ ଇନ୍‌ଫ୍ରାଷ୍ଟ୍ରକଚର

ଆଗାମୀ ବିହାର ବିଧାନସଭା ନିର୍ବାଚନରେ ସମସ୍ତ ସୁବିଧା ଯୋଗାଇଦେବା ଲାଗି ନିର୍ବାଚନ ଆୟୋଗ ମତଦାନ କେନ୍ଦ୍ରରେ ବିଭିନ୍ନ ବ୍ୟବସ୍ଥା କରିବା ଲାଗି ନିର୍ଦ୍ଦେଶ ଦେଇଛନ୍ତି । ପ୍ରତ୍ୟେକ ମତଦାନ କେନ୍ଦ୍ରରେ ଦିବ୍ୟାଙ୍ଗଜନ ଓ ବରିଷ୍ଠ ନାଗରିକଙ୍କ ପାଇଁ ର୍‍ୟାମ୍ପ ବ୍ୟବସ୍ଥା କରାଯିବା ସହ ସହଜ ଯାତାୟତ, ପାନୀୟଜଳ, ଟଏଲେଟ୍, ଆଲୋକ ଏବଂ ପ୍ରତୀକ୍ଷାଳୟ ବ୍ୟବସ୍ଥା କରିବା ପାଇଁ ଆନୁଷଙ୍ଗିକ ପଦକ୍ଷେପ ନେବାକୁ ଆୟୋଗ କହିଛନ୍ତି । ଯେଉଁଠାରେ ଗୋଟିଏ ସ୍ଥାନରେ ୩ଟି ମତଦାନ

କେନ୍ଦ୍ର ରହିଥିବ ସେ କ୍ଷେତ୍ରରେ ଅଧିକ ସଂଖ୍ୟକ ପ୍ରବେଶ ଏବଂ ପ୍ରସ୍ଥାନ ବ୍ୟବସ୍ଥା କରିବା ଲାଗି କୁହାଯାଇଛି । ସେହିପରି ଆଦର୍ଶ ମତଦାନ କେନ୍ଦ୍ର ଗୁଡ଼ିକରେ ସ୍ଥାନୀୟ କଳାସଂସ୍କୃତି ପ୍ରଦର୍ଶନ କରିବା ଲାଗି ମଧ୍ୟ ବ୍ୟବସ୍ଥା କରିବାକୁ ନିର୍ଦ୍ଦେଶ ଦିଆଯାଇଛି ।

## ନୋବେଲ ପ୍ରାଇଜ୍

ଧାତୁ-ଜୈବ ଢାଞ୍ଚା ବିକାଶ ପାଇଁ ଆମେରିକା, ଜାପାନ ଏବଂ ଅଷ୍ଟ୍ରେଲିଆର ତିନି ଜଣ ବୈଜ୍ଞାନିକ ଚଳିତ ବର୍ଷର ରସାୟନ ବିଜ୍ଞାନରେ ନୋବେଲ ପୁରସ୍କାର ପାଇବା ଲାଗି ଯୋଗ୍ୟ ବିବେଚିତ ହୋଇଛନ୍ତି। ଆଣବିକ ଗଠନ ବେଳେ ଗ୍ୟାସ୍ ଏବଂ ଅନ୍ୟାନ୍ୟ ରାସାୟନିକ ପଦାର୍ଥ ପ୍ରବାହିତ ହୋଇପାରିବା ନେଇ କରିଥିବା ଗବେଷଣା ପାଇଁ ସୁସୁମୁ କିତାଗାୱା, ରିଚାର୍ଡ ରବସନ୍ ଏବଂ ଓମର୍ ଏମ୍.ୟାଗି ଏହି ପୁରସ୍କାର ପାଇବେ।

ଶ୍ରୀ କିଟାଗାୱା ଜାପାନର କ୍ୟୋଟୋ ବିଶ୍ୱବିଦ୍ୟାଳୟର ପ୍ରଫେସର ଥିବାବେଳେ ରିଚାର୍ଡ ରବସନ୍ ବର୍ତ୍ତମାନ ଅଷ୍ଟ୍ରେଲିଆର ମେଲବର୍ଣ୍ଣ ବିଶ୍ୱବିଦ୍ୟାଳୟରେ ପ୍ରଫେସର ଭାବରେ କାର୍ଯ୍ୟ କରୁଛନ୍ତି। ସେହିପରି ୟାଗି ବର୍ତ୍ତମାନ ଆମେରିକାର ବର୍କଲିର କାଲିଫର୍ଣ୍ଣିଆ ବିଶ୍ୱବିଦ୍ୟାଳୟରେ ପ୍ରଫେସର ଅଛନ୍ତି।

# ସ୍ପୋର୍ଟ୍ସ ରାଉଣ୍ଡଅପ୍

ଆଇସିସି ଦିନିକିଆ ମହିଳା ବିଶ୍ୱକପ୍‌ରେ ଆଜି ଭାରତ ଏବଂ ଦକ୍ଷିଣ ଆଫ୍ରିକା ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ । ବିଶାଖାପାଟନାସ୍ଥିତ ୱାଇଏସ୍ ରାଜଶେଖର ରେଡ୍ଡୀ ଏସିଏ - ଭିଡିସିଏ କ୍ରିକେଟ ଷ୍ଟାଡିୟମରେ ଭାରତୀୟ ସମୟ ଅପରାହ୍ନ ୩ଟାରେ ଏହି ମ୍ୟାଚ୍ ଆରମ୍ଭ ହେବ ।

ଏକସପ୍ତାହ ମଧ୍ୟରେ ଆଜି ଭାରତୀୟ ମହିଳା ତା'ର ତୃତୀୟ ମ୍ୟାଚ୍ ଖେଳିବ । ପୂର୍ବରୁ ଭାରତ' ଶ୍ରୀଲଙ୍କା ଏବଂ ପାକିସ୍ତାନକୁ ପରାସ୍ତ କରିବାରେ ସଫଳ ହୋଇଥିଲା । ଦକ୍ଷିଣ ଆଫ୍ରିକା ମଧ୍ୟ ତା'ର ପ୍ରଥମ ମ୍ୟାଚ୍ ଇଂଲଣ୍ଡଠାରୁ ପରାସ୍ତ ହେବା ପରେ ଅନ୍ୟଏକ ମ୍ୟାଚ୍‌ରେ ନ୍ୟୁଜିଲାଣ୍ଡକୁ ପରାସ୍ତ କରିଥିଲା । ଭାରତ ଏବଂ ଦକ୍ଷିଣ ଆଫ୍ରିକା ଦିନିକିଆ ମ୍ୟାଚ୍‌ରେ ୩୩ଥର ମୁହାଁମୁହିଁ ହୋଇଛନ୍ତି ଏବଂ ଭାରତ ୨୦ଥରବିଜୟୀ ହୋଇଛି ।

ଗତକାଲି କଲମ୍ବୋରେ ଅନୁଷ୍ଠିତ ମ୍ୟାଚ୍‌ରେ ଅଷ୍ଟ୍ରେଲିଆ ୧୦୭ରନ୍‌ରେ ପାକିସ୍ତାନକୁ ପରାସ୍ତ କରିଛି । ଅଷ୍ଟ୍ରେଲିଆଦ୍ୱାରା ଧାର୍ଯ୍ୟ କରାଯାଇଥିବା ୨୨୨ରନ୍‌ର ଜବାବରେ ପାକିସ୍ତାନ ମାତ୍ର ୧୧୪ରନ୍‌ରେ ସମସ୍ତ ୱିକେଟ୍ ହରାଇଥିଲା ।